## ସଂକ୍ଷେପରେ

### ଷ୍ଟେଶନରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

**ରାୟଗଡ଼ାରୁ ନାସିକ ଚାଲାଣ ହେଉଥିଲା**

**ରାୟଗଡ଼ା ଅଫିସ,୪।୨:** ଗଞ୍ଜେଇ ଚୋରା ଚାଲାଣବେଳେ ରାୟଗଡ଼ା ରେଲୱେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିବା ସହ ୨୪ କେ.ଜି. ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ବ୍ୟକ୍ତି ହେଲେ ମହାରାଷ୍ଟ୍ର ନାସିକ ଜିଲା ନାସିକ ରୋଡ୍‌ ଅଞ୍ଚଳର କିଶୋର ବାବନ ଲାଙ୍ଗି। ସୂଚନା ଅନୁଯାୟୀ, ଅଭିଯୁକ୍ତ ବ୍ୟକ୍ତି ସମତା ଏକ୍ସପ୍ରେସ ଯୋଗେ ଗଞ୍ଜେଇ ରାୟଗଡ଼ାରୁ ନାସିକକୁ ଚାଲାଣ କରିବାକୁ ରାୟଗଡ଼ା ଷ୍ଟେଶନରେ ଅପେକ୍ଷା କରିଥିଲେ। ଖବର ପାଇ ରାୟଗଡ଼ା ଜିଆର୍‌ପି ଏବଂ ଆର୍‌ପିଏଫ୍‌ ପକ୍ଷରୁ ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଯାଞ୍ଚବେଳେ କିଶୋରଙ୍କୁ ଧରିଥିଲେ। ୨ ଟି ବ୍ୟାଗ୍‌ରେ ଗଞ୍ଜେଇ ପ୍ୟାକେଟ କରି ଚାଲାଣ କରୁଥିଲେ ବୋଲି ସୂଚନା ମିଳିଛି। ମାଜିଷ୍ଟ୍ରେଟ ସୁନୀଲ ଖରାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଜବତ କରାଯାଇଛି। ଏହାର ମୂଲ୍ୟ ୧ ଲକ୍ଷ ୨୧ ହଜାର ୧୦୦ ଟଙ୍କା ବୋଲି ସୂଚନା ମିଳିଛି।

### ଘର ନିକଟରୁ ବାଇକ୍‌ ଚୋରି

**ମୁନିଗୁଡ଼ା,୪।୨(ଡି.ଏନ୍‌.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳରେ କିଛିଦିନ ହେଲା ବାଇକ୍‌ ଚୋରି ବନ୍ଦ ଥିବାବେଳେ ଏବେ ପୁଣି ଚୋର ସକ୍ରିୟ ହୋଇଛନ୍ତି। ସ୍ଥାନୀୟ ପାଇକସାହି ଲକ୍ଷ୍ମୀନଗର ୩ୟ ଲାଇନରେ ରହୁଥିବା ଅରକ୍ଷିତ ବେହେରାଙ୍କ ଘର ପରିସରରେ ଥିବା ଏକ ନୂଆ ବାଇକ୍‌ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ସୂଚନା ଅନୁଯାୟୀ, ଅରକ୍ଷିତ ସବୁଦିନ ଭଳି ରାତିରେ ମୋବାଇଲ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ଘର ପରିସରରେ ତାଙ୍କ ବାଇକ୍‌ ସମେତ ଅନ୍ୟ କେତୋଟି ବାଇକ୍‌ ମଧ ରହିଥିଲା। ସକାଳେ ଉଠି ଦେଖିବା ସମୟରେ ଅନ୍ୟ ସବୁ ବାଇକ୍‌ ଥିବାବେଳେ ତାଙ୍କ ବାଇକ୍‌ ନ ଥିଲା। ସାହିର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବାପରେ ସେ ମୁନିଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ଥାନାଧିକାରୀ ସୁଜ୍ଞାନୀ ସାହୁ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ପୁଣି ବାଇକ୍‌ ଚୋରିକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଭୟ ସୃଷ୍ଟି ହୋଇଛି।

### ଗୁଣପୁର ବ୍ଲକରେ ୧୦୧ ବୁଥ୍‌ ସମ୍ବେଦନଶୀଳ

**ନିର୍ବାଚନ ପରିଚାଳନା ପାଇଁ ତାଲିମ**

**ଗୁଣପୁର,୪।୨(ଡି.ଏନ୍‌.ଏ.):** ରାୟଗଡ଼ା ଜିଲା ଗୁଣପୁର ବ୍ଲକରେ ଦୁଇଟି ଜୋନ୍‌ ପାଇଁ ଜିଲା ପରିଷଦ ନିର୍ବାଚନ ସହ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ସକାଶେ ୧୮ରେ ମତଦାନ ଅନୁଷ୍ଠିତ ହେବ। ଏଥିଲାଗି ଶୁକ୍ରବାର ୪ ସ୍ଥାନରେ ପ୍ରିଜାଇଡିଂ ଏବଂ ପୋଲିଂ ଅଫିସର ମାନଙ୍କୁ ନିର୍ବାଚନ ପରିଚାଳନା ନେଇ ତାଲିମ ପ୍ରଦାନ କରାଯାଇଛି। ଗୁଣପୁର ଟାଉନ ହଲ୍‌ଠାରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ଜିପିଇଓ ପତିତପାବନ ବିଶୋୟୀ କର୍ମଚାରିଙ୍କୁ ତାଲିମ ଦେଇଥିଲେ। ବିଜୁ କଲ୍ୟାଣ ମଣ୍ଡପଠାରେ ତହସିଲଦାର ଶରତ ଚନ୍ଦ୍ର ନାୟକ, ଆର୍‌ଏମ୍‌ସି ସମ୍ମିଳନି କକ୍ଷରେ ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି ଏବଂ ବ୍ଲକ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ହାଂସଦା କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ୩୮୩ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେଥିରେ ୨୧୫ ପ୍ରିଜାଇଡିଂ ଅଫିସର ରହିଛନ୍ତି। ୩୮୩ ଜଣ ତାଲିମ ନେବାକୁ ଥିବାବେଳେ ୧୩ ଜଣ ଅନୁପସ୍ଥିତ ଥିଲେ। ଗୁଣପୁର ବ୍ଲକରେ ୨୩୧ ବୁଥ୍‌ କରାଯାଇଥିବାବେଳେ ୧୦୧ଟି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି।

### ୨୪ ଚୋରି ବାଇକ୍‌ ଜବତ, ୭ ଗିରଫ

**ପାରଳାଖେମୁଣ୍ଡି,୪।୨(ଡି.ଏନ୍‌.ଏ.):** ଗଜପତି ଜିଲା ପୋଲିସ ଚୋରା ବାଇକ୍‌ ବିକ୍ରି ଘଟଣାର ପର୍ଦ୍ଦାଫାଶ କରିଛି। ସେରଙ୍ଗ ପୋଲିସ ୨୪ଟି ଚୋରା ବାଇକ୍‌ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ଜୟରାମ ଶତପଥୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲାର ହରି ଦଳବେହେରା, ସୁଶାନ୍ତ ସାମଲ, ରାୟଗଡା ଜିଲାର ଶ୍ରୀକାନ୍ତ ପାଲ, ଅଭିନାଶ ଶବର, ଶରତ ଶବର, ପାରଳାଖେମୁଣ୍ଡିର ଭାଗେଶ୍ୱର ଅଧିକାରୀ, ସେରଙ୍ଗ ଅଞ୍ଚଳର ଇସ୍ରାଏଲ ରଇତା। ଗତ ଗୁରୁବାର ଖଜୁରିପଦା ଫାଣ୍ଡି ପୋଲିସ ଗାଡି ତନଖି କରୁଥିବା ବେଳେ ସନ୍ଦେହଜନକ ଭାବେ ଏକ ବାଇକ୍‌କୁ ଯାଞ୍ଚ କରିଥିଲା। ଉକ୍ତ ଗାଡିର ଚାଳକ ଓ ଗାଡି କାଗଜପତ୍ରରେ ଉଲ୍ଲେଖ ମାଲିକଙ୍କ ନାମ ମିଶୁ ନ ଥିବାରୁ ଏହା ଚୋରା ବାଇକ୍‌ ବୋଲି ଜାଣିବାକୁ ପାଇଥିଲା।

# ତେଲଙ୍ଗାନାରୁ ଉଦ୍ଧାର ହେଲେ ୪ ଦାଦନ ଶ୍ରମିକ

ନବରଙ୍ଗପୁର,୪।୨(ବି.ପ୍ର.)

ନବରଙ୍ଗପୁର ଏସ୍‌ପି ପି.ଏସ୍‌. ପରଷୋତ୍ତମ ଦାସଙ୍କ ଉଦ୍ୟମରେ ଦୁଇ ପରିବାରର ୪ ଦାଦନ ଶ୍ରମିକଙ୍କୁ ତେଲଙ୍ଗାନାରୁ ଉଦ୍ଧାର କରାଯାଇପାରିଛି। ଏ ନେଇ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ସୂଚନା ଦେଇଛନ୍ତି।

**ଏସ୍‌ପିଙ୍କ ଉଦ୍ୟମରେ ସୁରକ୍ଷିତରେ ଜିଲାରେ ପହଞ୍ଚିଲେ**


ଅତିରିକ୍ତ ଏସ୍‌ପି ଉଦ୍ଧାର ୪ ଶ୍ରମିକଙ୍କ ବିଷୟରେ ସୂଚନା ଦେଉଛନ୍ତି।

ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ଚାନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ା ଗ୍ରାମର ନିରଞ୍ଜନ ଦଳେଇ, ସ୍ତ୍ରୀ ଖଜୁରୀ ଦଳେଇ ଏବଂ ଉମ୍ବରୁ ଦଳେଇ ଓ ତାଙ୍କ ସ୍ତ୍ରୀ ପ୍ରଭା ଦଳେଇଙ୍କୁ ୨୦୨୧ ନଭେମ୍ବରରେ ଦଲାଲ ଲତିଫ୍‌ ସର୍ଦ୍ଦାର ତେଲଙ୍ଗାନାର କରିମ୍‌ନଗର ଜିଲା ଏନ୍‌ଭିସି ଇଟା ଭାଟିରେ ଅଧିକ ଅର୍ଥରେ କାମ ଯୋଗାଇଦେବା ପାଇଁ ପ୍ରଲୋଭନ ଦେଖାଇଥିଲେ। ଏ ବାବଦରେ ଆଗୁଆ ୩୫ହଜାର ଟଙ୍କା ପରିବାକୁ ଦେବା ସହ ଏକ ୪ ଚକିଆ ଗାଡ଼ିରେ କରିମ୍‌ନଗର ନେଇ ଇଟାଭାଟି ମାଲିକ ମିସ୍ତ୍ରୀ ପ୍ରସାଦଙ୍କ ନିକଟରେ ଛାଡ଼ି ଦେଇଥିଲେ। ଆଗୁଆ ଦେଇଥିବା ଟଙ୍କା ୪ ଦାଦାନଙ୍କ ନିକଟରୁ ସରିଯିବା ପରେ ଖାଇବା ଓ ଚଳିବାରେ ସମସ୍ୟା ଦେଖାଦେଇଥିଲା। ପରେ ମାଲିକଙ୍କୁ ଟଙ୍କା ମାଗିବା ପରେ ତାଙ୍କ ଦେବା ଦୂର କଥା ଅନେକ ନିର୍ଯାତନା ଦେଇଥିଲେ। ଏହା ସହି ନପାରି ଦୁଇ ପରିବାରର ୪ଜଣ କୌଶଳ କ୍ରମେ ସେଠାକାର ଶ୍ରମ ଅଧିକାରୀଙ୍କ ନିକଟରେ ପହଞ୍ଚିଥିଲେ। ଇଟାଭାଟି ମାଲିକ କୌଣସି ସୂତ୍ରରୁ ଖବର ପାଇ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶ୍ରମିକମାନଙ୍କୁ ଆଣି ଏକ ଦୁର୍ଗା ମଣ୍ଡପରେ ତାଲା ପକାଇ ରଖିଥିଲେ। କେବଳ ନିରଞ୍ଜନଙ୍କ ପାଖରେ ଗୋଟିଏ ମୋବାଇଲ ଥିବାରୁ ସେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ସହ ଯୋଗାଯୋଗ କରି ସମସ୍ୟା ଜଣାଇଥିଲେ। ଏମ୍‌ପି ନିରଞ୍ଜନଙ୍କୁ ନବରଙ୍ଗପୁର ଏସ୍‌ପିଙ୍କ ନମ୍ବର ଦେଇ ସମ୍ପୂର୍ଣ୍ଣ ଘଟଣା ଜଣାଇବାକୁ କହିଥିଲେ। ଘଟଣା ବିଷୟରେ ଜାଣିବା ପରେ ନବରଙ୍ଗପୁର ଏସ୍‌ପି କରିମ୍‌ନଗର ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ସେଠାକାର ପୋଲିସ ୪ ଦାଦନଙ୍କୁ ଦୁର୍ଗା ମଣ୍ଡପରୁ ଉଦ୍ଧାର କରିଥିଲା। ତଦନ୍ତ ସମୟରେ ନବରଙ୍ଗପୁର ଜିଲା ୪ ଶ୍ରମିକଙ୍କ ସମେତ ନୂଆପଡ଼ା ଜିଲାର ୨୧ ଶ୍ରମିକ ମଧ କାମ କରୁଥିଲେ ବୋଲି ଜଣାପଡ଼ିଥିଲା। ନୂଆପଡ଼ା ଜିଲାର ଶ୍ରମିକଙ୍କୁ ନୂଆପଡ଼ା ଓ ନବରଙ୍ଗପୁର ଜିଲାର ୪ଜଣ ଶ୍ରମିକଙ୍କୁ ଛତିଶଗଡ଼ର ବସ୍ତର ଜିଲାର ଜଗଦଲପୁର ପର୍ଯ୍ୟନ୍ତ ତେଲଙ୍ଗାନା ପୋଲିସ ସମସ୍ତ ବ୍ୟବସ୍ଥା ଓ ସୁରକ୍ଷାରେ ପହଞ୍ଚାଇଥିଲେ। ସେଠାରୁ ସେମାନଙ୍କୁ ନବରଙ୍ଗପୁର ଅଣାଯାଇଛି। ୪ ଶ୍ରମିକଙ୍କୁ ଚାନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ାରେ ଛଡ଼ାଯିବ ବୋଲି ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ନବରଙ୍ଗପୁର ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମୟରେ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ଉପସ୍ଥିତ ଥିଲେ।

# ସତର୍କତା ହିଁ କର୍କଟଠାରୁ ଦୂରେଇ ରଖିବ

**ବିଶ୍ୱ କର୍କଟ ଦିବସ**

ନବରଙ୍ଗପୁର,୪।୨(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ଡାକ୍ତରଖାନା ବୈଠକ ଗୃହରେ ଶୁକ୍ରବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେଏଡିପିଏଚ୍‌ଓ(ପରିବାର କଲ୍ୟାଣ)ନୀଳମଣି ଦିଲୀପ ଚାନ୍ଦ ବେହେରା ଯୋଗ ଦେଇଥିଲେ। ଡିପିଏଚ୍‌ଓ ମଳୟ କୁମାର ତ୍ରିପାଠୀ, ଡା. ଦେବବ୍ରତ ଡାକୁଆ ଯୋଗଦେଇ କର୍କଟ ରୋଗର ବିଭିନ୍ନ କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ରୋଗକୁ ନେଇ କିଭଳି ସତର୍କ ରହିବା ସେ ନେଇ ମଧ ଆଲୋଚନା ହୋଇଥିଲା। ସତର୍କତା ହିଁ କର୍କଟଠାରୁ ଦୂରେଇ ରଖିବା ବୋଲି କହିଥିଲେ। ରାଜ୍ୟ ସରକାର ଜିଲା ସଦର ଡାକ୍ତରଖାନାରେ ମାଗଣା କେମୋ ଥେରାପି ଓ ଚିକିତ୍ସା ପରାମର୍ଶ ବ୍ୟବସ୍ଥା କରିଥିବା ଡା. ଡାକୁଆ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏଡିପିଏଚ୍‌ସିଓ ଧନୁରାମ ମୁର୍ମୁ, ସତ୍ୟସାଇ ସେବା ସଂଘ, ଏନ୍‌ସିସି କର୍ମକର୍ତ୍ତା ଓ ଡିଆଇପିଆର୍‌ଓ ହଳଧର ନିଆଲ ଯୋଗ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ କୁମାର ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ପୁରସ୍କୃତ ହେଲେ ୨୬ ବ୍ୟାଡ୍‌ମିଣ୍ଟନ ଖେଳାଳି


କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି।

ଉମରକୋଟ,୪।୨(ସ୍ୱ.ପ୍ର.)

ହେଲ୍ପଲାଇନ୍‌ ଅନୁଷ୍ଠାନ ପକ୍ଷରୁ କୋଭିଡ୍‌ ନିୟମ ଅନୁଯାୟୀ ଜୁନିୟର ବ୍ୟାଡ୍‌ମିଣ୍ଟନ, ପୁରୁଷ ଡବଲ୍ସ ଏବଂ ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିଅର ବିଭାଗରେ ୪ ଦଳ, ପୁରୁଷ ସିନିୟର ବିଭାଗରେ ୯ ଦଳ ଅଂଶଗ୍ରହଣ କରିଥିବାବେଳେ ୮ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଖେଳିଥିଲେ। କୃତୀ ଖେଳାଳିମାନଙ୍କୁ ଜାନୁୟାରୀ ୨୬ରେ ପୁରସ୍କୃତ କରାଯିବାର ଥିଲା। କୌଣସି କାରଣରୁ ତାହା ହୋଇପାରି ନ ଥିଲା। ବୁଧବାର ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ପୁରସ୍କୃତ କରାଯାଇଛି।

ଟୁର୍ନାମେଣ୍ଟରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଜୁନିୟର ବିଭାଗରେ ସାଇକୃତି ପଣ୍ଡା, ବିନ୍ଦିଆ, ମୀରା ଓ ଅଭିଷେକ ଖମାରିଙ୍କୁ ବେଷ୍ଟ ପ୍ଲେୟର ସମ୍ମାନରେ ସମ୍ମାନିତ କରାଯାଇଛି। ସିନିୟର ବିଭାଗରେ ଇତିଶ୍ରୀ ପାତ୍ର, ସିନ୍ଧୁଶା ଶ୍ରୀନିବାସ, ପ୍ରିୟଙ୍କା ନାୟକ, ଆସିଫା ରାଠୋର, ଏ. ସାଇ କୁମାର, ଅନୁପ ମଣ୍ଡଳ, ସୁନିତ ବିଶୋଇ, କମଲ ସମଜଦାର, ସଲିମ ରାଠୋର ଓ ଭବାନୀ ବିଶୋଇ ପ୍ରମୁଖ ଖେଳାଳିଙ୍କୁ ବେଷ୍ଟ ପ୍ଲେୟର ସମ୍ମାନରେ ସମ୍ମାନିତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉମରକୋଟ ତହସିଲଦାର ତଥା ହେଲ୍ପଲାଇନର ଉପଦେଷ୍ଟା ଜଗଜୀବନ ଚୌଧୁରୀ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ସୁରେନ୍ଦ୍ର ନାଥ ଦାଶ, ସମ୍ମାନୀତ ଅତିଥି ରୂପେ ଓକିଲ ଶ୍ରୀନିବାସ ପଟ୍ଟନାୟକ, ଅବସରପ୍ରାପ୍ତ ଟୀକାକାରଣ ଅଧିକାରୀ କୁସୁମ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସଂସ୍ଥାର ଉପ ସଭାପତି ଇଞ୍ଜିନିୟର ଚନ୍ଦନା ମଲ୍ଲିକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ ଏବଂ କ୍ରୀଡ଼ା ସଂଯୋଜକ ସଲିମ ରାଠୋର ଉପସ୍ଥିତ ଥିଲେ। ଆଦିବାସୀ ଅଧୁସିତ ଅଞ୍ଚଳରେ ଖେଳାଳିଙ୍କ ବିକାଶ ପାଇଁ ଏଭଳି ଉଦ୍ୟମକୁ ଜିଲା କ୍ରୀଡ଼ା ଉପ ସଭାପତି ଏମ୍‌. ବାଲାକୃଷ୍ଣ ରାଓ ଏବଂ ଜିଲା କ୍ରୀଡ଼ା ସମ୍ପାଦକ ଅର୍ଜୁନ ତ୍ରିପାଠୀ ପ୍ରଶଂସା କରିଥିଲେ। ମହିଳା କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ନିମନ୍ତେ ପଡ଼ିଆ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇବାକୁ ମୁଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଛନ୍ତି।

# ବିଜେଡି ପାଇଁ ସମ୍ମାନର ବିଷୟ


ବନମାଳି ଗମାଙ୍ଗ, ବୃନ୍ଦାବନ ସେନାପତି, ଗଗନ ବିହାରୀ ଆଚାର୍ଯ୍ୟ, ସସ୍ମିତା ଗମାଙ୍ଗ, ସୁରେଶ ଗମାଙ୍ଗ, ଟାଙ୍ଗୁଡୁ ଶ୍ରୀଧର।

ଗୁଣପୁର,୪।୨(ଡି.ଏନ୍‌.ଏ.)

**ରାମନାଗୁଡ଼ା ବ୍ଲକ**

**■ରାମମୂର୍ତ୍ତିଙ୍କ ପରେ ଗଡ଼ ବଞ୍ଚାଇବାକୁ ଭାଜପାର ଉଦ୍ୟମ**

ରାୟଗଡ଼ା ଜିଲା ରମନାଗୁଡ଼ା ବ୍ଲକରେ ଦୁଇଟି ଜିଲା ପରିଷଦ ଜୋନ୍‌ ରହିଛି। ୧୨ ପଞ୍ଚାୟତ ପାଇଁ ସରପଞ୍ଚ, ସମିତି ସଭ୍ୟ ଏବଂ ୧୫୬ ୱାର୍ଡ ପାଇଁ ନିର୍ବାଚନ ଫେବୃୟାରୀ ୧୮ରେ ଅନୁଷ୍ଠିତ ହେବ। ୩୮,୩୨୨ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। 'କ' ଜୋନ୍‌ରେ ୬ ପଞ୍ଚାୟତ ଯଥା ଶିଢାମୁଣି, ପାରିଖିତି, ଗୁଲୁଣ୍ଡି, ଗଗୁପାଡୁ, ଗୋସେଇଁ ଗୁଲୁମୁଣ୍ଡା ଏବଂ ପେଣକାମ ପଞ୍ଚାୟତ ରହିଛି। ସେହିଭଳି 'ଖ' ଜୋନ୍‌ରେ ଆଉ ୬ ପଞ୍ଚାୟତ ଯଥା ବୁତିଂ, ନିଲାମଗୁଡ଼ା, କୁଜେନ୍ଦ୍ରି, ଉକୁମ୍ବା, ଭାମିନି ଓ ଗୁଲୁମୁଣ୍ଡା ରହିଛି। 'କ' ଜୋନ୍‌ ଅଣ ସଂରକ୍ଷିତ ରହିଥିବାବେଳେ 'ଖ' ଜୋନ୍‌ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ। ବିଜେଡିର ଜିଲା ସମ୍ପାଦକ ତଥା ଟାଣୁଆ ଯୁବନେତା ଗଗନ ଆଚାର୍ଯ୍ୟ 'କ' ଜୋନ୍‌ରୁ ପ୍ରାର୍ଥୀ ହୋଇଥିବାରୁ ଏହି ବ୍ଲକ ଏବେ ଜିଲାରେ ଖୁବ୍‌ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ସମ୍ପାଦକ ପ୍ରାର୍ଥୀ ହେବା ସହ ଗତ ନିର୍ବାଚନରେ ଦୁଇଟି ଆସନରେ ଭାଜପା ବିଜୟ ହେବା ପରେ ଦଳ ପାଇଁ ଏହି ଆସନ ଏବେ ପ୍ରତିଷ୍ଠାର ବିଷୟ ହୋଇଛି। ବିଜେଡି ପାଇଁ ଚଳିତ ନିର୍ବାଚନରେ ରାମନାଗୁଡ଼ା ବ୍ଲକ ଦଖଲ କରିବା ସମ୍ମାନର ପ୍ରସଙ୍ଗ ହୋଇଛି।

ଅପରପକ୍ଷେ ରାମମୂର୍ତ୍ତି ମୁତ୍ତିକାଙ୍କ ଦେହାନ୍ତ ପରେ ଭାଜପା ନିଜର ଗଡ଼ ରକ୍ଷା ପାଇଁ ଜୋର୍‌ଦାର ଉଦ୍ୟମ କରୁଛି। କାରଣ ୨୦୧୭ ନିର୍ବାଚନରେ ରାମନାଗୁଡ଼ା ବ୍ଲକର ଦୁଇଟି ଜୋନ୍‌ ଭାଜପା ଦଖଲ କରିଥିଲା। ଏବେ ରାମନାଗୁଡ଼ା ରାଜନୀତି ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି। ଏହି ବ୍ଲକରେ ଅଧକ୍ଷ ହୋଇଥିବା ତଥା ଜିଲା ପରିଷଦ ଅଧକ୍ଷ ରହିଥିବା କଂଗ୍ରେସ ନେତା ପୁରୁଷୋତ୍ତମଙ୍କ ମୃତ୍ୟୁ ଘଟିଛି। ତେଣୁ କଂଗ୍ରେସ ମଧ ଗଡ଼ ରକ୍ଷା ପାଇଁ ସମସ୍ତ କୌଶଳ ପ୍ରୟୋଗ କରୁଛି। ଏବେ 'କ' ଜୋନ୍‌ରୁ ବିଜେଡିର ଗଗନ ଆଚାର୍ଯ୍ୟ, ଭାଜପାର ବୃନ୍ଦାବନ ସେନାପତି ଏବଂ କଂଗ୍ରେସର ଟି. ଶ୍ରୀଧର ପ୍ରାର୍ଥୀ ହୋଇଛନ୍ତି। ଏହି ଜୋନ୍‌ରେ ଗତ ନିର୍ବାଚନରେ ଭାଜପାର ପୁଷ୍ପାଞ୍ଜଳି ମୁତ୍ତିକା ବିଜୟୀ ହୋଇଥିଲେ। ସେହିପରି 'ଖ' ଜୋନ୍‌ରେ ଭାଜପାର ବନମାଳି ଗମାଙ୍ଗ, କଂଗ୍ରେସର ସସ୍ମିତା ଗମାଙ୍ଗ, ବିଜେଡିର ସୁରେଶ କୁମାର ଗମାଙ୍ଗ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଯମୁନା ଗମାଙ୍ଗ ପ୍ରାର୍ଥୀ ରହିଛନ୍ତି। ଗତ ନିର୍ବାଚନରେ ଏହି ଜୋନ୍‌ରୁ ଭାଜପାର ସାରଦା ସେନାପତି ବିଜୟୀ ହୋଇଥିଲେ। ବିଜେଡି ରାଜ୍ୟ ସରକାରଙ୍କ ସଫଳତାକୁ ନେଇ ପ୍ରଚାର ଚଲାଇଥିବାବେଳେ ଭାଜପା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରିଛି। କଂଗ୍ରେସ ଉଭୟ ଦଳର ବିଫଳତାକୁ ଲୋକଙ୍କ ନିକଟକୁ ନେଇଯାଉଛି। ୨୦୧୨ ନିର୍ବାଚନରେ ବିଜେଡି ଦୁଇଟି ଜୋନ୍‌ ଦଖଲ କରିଥିଲା। ରାମମୂର୍ତ୍ତି ମୁତ୍ତିକା ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ୨୦୧୭ରେ ଭାଜପା ଦୁଇଟି ଜୋନ୍‌ ଦଖଲ କରିଥିଲା। ରାମମୂର୍ତ୍ତିଙ୍କ ଦେହାନ୍ତ ପରେ ତାଙ୍କ ଭାବମୂର୍ତ୍ତି ଦଳ ପାଇଁ କାମ କରିଥିଲା ନା ଭାଜପାର ଭାବମୂର୍ତ୍ତି ତାହା ନିର୍ବାଚନ ପରେ ସ୍ପଷ୍ଟ ହେବ। ତେବେ ରାମମୂର୍ତ୍ତିଙ୍କ ଦଳ ଛାଡ଼ିବା ବିଜେଡିକୁ ସେତେବେଳେ ଶକ୍ତ ଧକ୍କା ଲାଗିବା ସହ ଦୁଇ ଆସନ ହରାଇବାକୁ ପଡ଼ିଥିଲା। ଅପରପକ୍ଷେ ଦୁଇଟି ନିର୍ବାଚନରେ କଂଗ୍ରେସକୁ ନିରାଶ ହେବାକୁ ପଡ଼ିଥିବାବେଳେ ଏବେ ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ଦଳ ଅଣ୍ଟା ଭିଡ଼ିଛି। ଏପରି ରାଜନୀତି ପାଣିପାଗ ମଧରେ ରାମନାଗୁଡ଼ା ବ୍ଲକ କାହା ଦଖଲକୁ ଯାଉଛି ତାହା ଦେଖିବାକୁ ବାକି ରହିଲା। କଂଗ୍ରେସ ପକ୍ଷରୁ ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ ବ୍ଲକରେ ନିର୍ବାଚନ ମଙ୍ଗ ଧରିଥିବାବେଳେ ଦଳ ପାଇଁ ସେ କେତେ ଫାଇଦା ଆଣୁଛନ୍ତି ତାହା ନିର୍ବାଚନ ଫଳାଫଳ କହିବ।

# କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ତାଲିମ

ଗୁଡାରି,୪।୨(ଡି.ଏନ୍‌.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ରାୟଗଡ଼ା ଜିଲା ଗୁଡାରି ବ୍ଲକରେ ନିର୍ବାଚନରେ ନିୟୋଜିତ ସରକାରୀ କର୍ମଚାରୀଙ୍କୁ ଶୁକ୍ରବାର ନିର୍ବାଚନ ପରିଚାଳନା ତାଲିମ ଦିଆଯାଇଛି। ସ୍ଥାନୀୟ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ବିଡିଓ ନୃସିଂହ ଚରଣ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସର ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର୍‌ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଟି. ସୁରି ନାରାୟଣ, ଅତିରିକ୍ତ ତହସିଲଦାର ଫରଦିନନ୍ଦ ଏକ୍କା, ବିଡିଓ ନୃସିଂହ ଚରଣ ସେଠି ଏବଂ ଅତିରିକ୍ତ ମାଷ୍ଟର ଟ୍ରେନର୍‌ ମାନସ ରଞ୍ଜନ ବାରିକ, ପ୍ରଦୀପ ଶର୍ମା ଓ ନିଳାଞ୍ଚଳ ପଣ୍ଡା ତାଲିମ ଦେଇଥିଲେ। ଗୁଡାରି ଥାନାଧିକାରୀ ସଞ୍ଜୟ କୁମାର ନାୟକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ନିର୍ବାଚନରେ ନିୟୋଜିତ ଅଧିକାରୀମାନେ କିପରି ବାଲଟ୍‌ ବାକ୍ସ ବ୍ୟବହାର କରିବେ ଓ କିପରି ଶାନ୍ତି ଶୃଙ୍ଖଳାର ସହ ମତଦାନ ଅନୁଷ୍ଠିତ ହେବ ସେ ବିଷୟରେ ତାଲିମ ଦିଆଯାଇଥିଲା। ଗୁଡାରି ଥାନାଧିକାରୀ ସଞ୍ଜୟ ନାୟକ ଏବଂ ପୋଲିସ ଟିମ୍‌ ସମସ୍ତ ମତଦାନ କେନ୍ଦ୍ରରେ ନିରବଚ୍ଛିନ୍ନ ପଇଁତରା ମାରିବେ ବୋଲି କୁହାଯାଇଛି।



# ଉମରକୋଟ ପୌର ପରିଷଦ ନିର୍ବାଚନ

ଉମରକୋଟ,୪।୨(ସ୍ୱ.ପ୍ର.)

ଉମରକୋଟ ପୌରାଞ୍ଚଳର ୧୪ କାଉନସିଲର ପଦବୀ ପାଇଁ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇଛି। ପୌରାଞ୍ଚଳର ୧୪ ଆସନ ମଧ୍ୟରୁ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୨, ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୩ ଏବଂ ଅନୁସୂଚିତ ଜନଜାତି ବର୍ଗ ମହିଳାଙ୍କ ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଛି। ସେହିପରି ଅଣସଂରକ୍ଷିତ ତଥା ସାଧାରଣ ବର୍ଗ ପାଇଁ ୫ ଆସନ ଏବଂ ସାଧାରଣ ବର୍ଗ ମହିଳାଙ୍କ ପାଇଁ ୩ ଆସନ ରହିଥିବା ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ୧ ଓ ୨ ନଂ. ୱାର୍ଡ ଅଣସଂରକ୍ଷିତ ରହିଥିବାବେଳେ ୩ ନଂ. ୱାର୍ଡ ଅନୁସୂଚିତ ଜାତି, ୪ନଂ. ୱାର୍ଡ ଅନୁସୂଚିତ ଜାତି(ମହିଳା), ୫ ଓ ୬ ନଂ ୱାର୍ଡ ଅଣସଂରକ୍ଷିତ, ୭ନଂ. ୱାର୍ଡ ଅନୁସୂଚିତ ଜାତି, ୮ନଂ. ୱାର୍ଡ ଅନୁସୂଚିତ ଜନଜାତି, ୯ନଂ. ୱାର୍ଡ ମହିଳା, ୧୦ନଂ. ୱାର୍ଡ ମହିଳା, ୧୧ନଂ. ୱାର୍ଡ ଅଣସଂରକ୍ଷିତ, ୧୨ ଓ ୧୩ନଂ. ୱାର୍ଡ ଅନୁସୂଚିତ ଜାତି(ମହିଳା), ୧୪ ନଂ. ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିଭଳି ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ ହେଉଥିବାବେଳେ ୧୦ ତାରିଖରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ। ୧୧ରୁ ୧୬ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ ପାଇଁ ଭୋଟର ଦାବି ଏବଂ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ। ୧୮ ରେ ଆପତ୍ତି ଅଭିଯୋଗ ଗୁଡ଼ିକର ତଦନ୍ତ ହେବା ସହ ୨୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

# ତାରିଣୀ ତ୍ରିପାଠୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନନ୍ଦାହାଣ୍ଡି,୪।୨(ଡି.ଏନ୍‌.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମରେ ତାରିଣୀ ତ୍ରିପାଠୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ନନ୍ଦାହାଣ୍ଡି ବ୍ଲକ ଅଧକ୍ଷ ତାରିଣୀ ତ୍ରିପାଠୀଙ୍କ ସ୍ମୃତିରେ ଦହଣା ମିନି ଷ୍ଟାଡିୟମଠାରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ରୂପେ ବିଧାୟକଙ୍କ ନନ୍ଦାହାଣ୍ଡି ବ୍ଲକ ପ୍ରତିନିଧି ଦୟା ବିଷୋୟୀ, ଦିବଂଗତ ତାରିଣୀ ତ୍ରିପାଠୀଙ୍କ ପୁଅ ଜ୍ୟୋର୍ତିମୟ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ଜାନୀ, ସ୍ଥାନୀୟ ସମିତି ସଭ୍ୟ ଲକୀ ମାଝୀ, ଅବସରପ୍ରାପ୍ତ ଉମରକୋଟ ବ୍ଲକ ଶିକ୍ଷାଧିକାରୀ ରମାକାନ୍ତ ଦାଶ, ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶ, ପରେଶ ଦାଶ, ଜୀବନ ତ୍ରିପାଠୀ, ବିଜୟ ରଥ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏଠାରେ ତାରିଣୀ ତ୍ରିପାଠୀଙ୍କ ସ୍ମୃତିଚାରଣ କରିଥିଲେ। ଦହଣାର ଯୁବଗୋଷ୍ଠୀଙ୍କ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ୧୬ ଟିମ୍‌ ଅଂଶଗ୍ରହଣ କରିଛନ୍ତି। ୧୨ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୧୫ ମ୍ୟାଚ ଖେଳାଯିବ। ଉଦ୍‌ଘାଟନି ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହେଇଥିଲା। ପ୍ରଥମ ମ୍ୟାଚ୍‌ ନବରଙ୍ଗପୁର ଓ ମୋରାଳୀ ମଧରେ ଅନୁଷ୍ଠିତ ହେଇଥିଲା। ଏଥିରେ ମୋରାଳୀ ଦଳ ବିଜୟୀ ହେଇଛି। ଦ୍ୱିତୀୟ ମ୍ୟାଚ ତୋରାଭଟା ଓ ନରସିଂହଗୁଡ଼ା ମଧରେ ଅନୁଷ୍ଠିତ ହେଇଥିଲା। ଏଥିରେ ତୋରାଭଟା ଦଳ ବିଜୟୀ ହୋଇଛି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

# ପ୍ରାର୍ଥୀଙ୍କ ବ୍ୟାନର କାଢ଼ିଲା ପ୍ରଶାସନ

ଚକାପାଦ,୪।୨(ଡି.ଏନ.ଏ.)

ଚକାପାଦ ତହସିଲ୍‌ ଅଞ୍ଚଳରେ ଲାଗିଥିବା ବ୍ୟାନରକୁ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ କାଢ଼ି ନେଇଥିବା ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି। ବ୍ୟାନର ପୋଷ୍ଟରକୁ କାହିଁକି କଢ଼ାଗଲା ସେ ନେଇ ପ୍ରାର୍ଥୀଙ୍କୁ କୌଣସି ସୂଚନା ଦିଆଯାଇନି।

# ପ୍ରମୁଖ ୩ ଦଳର ପ୍ରାର୍ଥୀଙ୍କ ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ନବରଙ୍ଗପୁର,୪।୨(ବି.ପ୍ର.)–

**ଚନ୍ଦାହାଣ୍ଡି ଜୋନ୍‌ ୧ ଓ ୨ ରେ ରାଜନୈତିକ ଉଷ୍ମତା**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦୁଇ ଜିଲା ପରିଷଦ ଜୋନ୍‌ ରହିଛି। ତେବେ ଜୋନ୍‌ ୧ ଓ ୨ରେ ଭାଜପା, କଂଗ୍ରେସ ଓ ବିଜେଡି ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଦୁଇ ଜୋନ୍‌ର ୧୪ ପଞ୍ଚାୟତରେ ୨୭୭୭୩ ଭୋଟର ମତଦାନ କରିବେ। ଚାନ୍ଦାହାଣ୍ଡି ବ୍ଲକରେ ଭାଜପା ଓ ବିଜେଡି ମଧରେ ଜୋରଦାର ଟକ୍କର ହେବ। କଂଗ୍ରେସ ତୃତୀୟ ସ୍ଥାନରେ ରହିବ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମଧରେ ମତପ୍ରକାଶ ପାଉଛି। ଚାନ୍ଦାହାଣ୍ଡି ବ୍ଲକ ବିଜେଡି ଓ ଭାଜପା ପାଇଁ ଏବେ ସମ୍ମାନର ପ୍ରଶ୍ନ ହୋଇଛି। ଚନ୍ଦାହାଣ୍ଡି ହେଉଛି ପୂର୍ବତନ ମନ୍ତ୍ରୀ ଦିବଂଗତ ଯାଦବ ମାଝୀଙ୍କ ପୁଅ ପୂର୍ବତନ ମନ୍ତ୍ରୀ ତଥା ଏବେକାର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ତାଙ୍କ ସାନଭାଇ ତଥା ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ନିଜ ବ୍ଲକ। ଅନ୍ୟପକ୍ଷରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଜିଲା ବିଜେଡି ସଭାପତି ଦାୟିତ୍ୱରେ ଅଛନ୍ତି। ସେହିପରି ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପ ସଭାପତି ବଳଭଦ୍ର ମାଝି, ପୂର୍ବତନ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ମଧ ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳର। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଖେମରାଜ ବାଘଙ୍କ ଘର ମଧ ଚାନ୍ଦାହାଣ୍ଡି ବ୍ଲକରେ। ରାଜନୈତିକ ଦୃଷ୍ଟି କୋଣରୁ ଦେଖିବକୁ ଗଲେ ୨୨ବର୍ଷରୁ ଊର୍ଦ୍ଧ୍ୱ ବିଜେଡି ରାଜନୀତି ଓ ଚାନ୍ଦାହାଣ୍ଡି ବ୍ଲକରେ ଭାରତ ସ୍ୱାଧୀନ ପରଠାରୁ ଅଣ କଂଗ୍ରେସ ପ୍ରାର୍ଥୀ ହିଁ ବହୁ ମତରେ ନିର୍ବାଚିତ ହୋଇ ଆସୁଛନ୍ତି। ଏହା ଦ୍ୱାରା କର୍ମୀଙ୍କ ସଂଖ୍ୟା ଓ ଦଳ ପ୍ରତି ଲୋକଙ୍କ ଆଦୃତି ଥିବା ଦେଖାଯାଉଛି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ କଂଗ୍ରେସ ଛାଡ଼ି ବିଜେଡିର ସାମିଲ ହେବାପରେ ଚାନ୍ଦାହାଣ୍ଡି ବ୍ଲକର ଅନେକ କଂଗ୍ରେସ କର୍ମୀ ତଥା ପ୍ରଦୀପ ଅନୁଗତ ବିଜେଡିରେ ସାମିଲ ହେଲେ। ଏହା ଦ୍ୱାରା ଚାନ୍ଦାହାଣ୍ଡିରେ କଂଗ୍ରେସ କିଛି ମାତ୍ରାରେ ଦୁର୍ବଳ ଦେଖାଯାଉଛି। ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଭାଜପାରେ ଯୋଗ ଦେବାପରେ କର୍ମୀ ଓ କର୍ମକର୍ତ୍ତାଙ୍କ ସଂଖ୍ୟା ଚାନ୍ଦାହାଣ୍ଡିରେ ବଢ଼ିଛି। ବଳଭଦ୍ର ମାଝି ଚାନ୍ଦାହାଣ୍ଡି ଭଳି ଅଞ୍ଚଳର ବିକାଶ ପାଇଁ ବିଜେଡି ଏମ୍‌ପିଙ୍କ ସମୟରୁ ଜଳସେଚନ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏବେବି ସେ ଚାନ୍ଦାହାଣ୍ଡି ବ୍ଲକରେ ଜଳ ସେଚନ ବ୍ୟବସ୍ଥା କିଭଳି ବୃଦ୍ଧି ପାଇବ ଓ ତେଲ ଇଣ୍ଟିଗ୍ରେଟ ପ୍ରକଳ୍ପ କାର୍ଯ୍ୟ ସରକାରୀ ସ୍ତରରେ ଆଗେଇବ ଚେଷ୍ଟା ଜାରି ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରମୁଖ ସମସ୍ୟା ଓ ଦୁର୍ନୀତିକୁ ନେଇ ଭାଜପା ନିର୍ବାଚନ ମଇଦାନକୁ ଓହ୍ଲାଇଛି। ବିଜେଡି ବିଜୁ ସ୍ୱାସ୍ଥ୍ୟ କାର୍ଡ, କୋଭିଡ ସମୟରେ ଶ୍ରମିକ ଓ ପକ୍କାଘର ମରାମତି ପାଇଁ ସହାୟତା, ନିଯୁକ୍ତି କ୍ଷେତ୍ରରେ ବୟସ ସୀମା ବୃଦ୍ଧି ଓ ସରକାରଙ୍କ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଥିବା ଜନ କଲ୍ୟାଣ ଯୋଜନାକୁ ନେଇ ଭୋଟର ପାଖକୁ ପହଞ୍ଚୁଛନ୍ତି। କଂଗ୍ରେସ ନାରୀ ନିର୍ଯାତନା, ବାର୍ଦ୍ଧକ୍ୟ ଭତ୍ତା, ସ୍ଥାୟୀ ନିଯୁକ୍ତି, ପାଇଖାନା ଦୁର୍ନୀତି, ଚାଉଳ ଦୁର୍ନୀତି, ଏମ୍‌ଜିଏନ୍‌ଆର୍‌ଇଜିଏସରେ ଦୁର୍ନୀତି ଭଳି ପ୍ରମୁଖ ଘଟଣାକୁ ନେଇ ନିର୍ବାଚନ ମଇଦାନରେ ଓହ୍ଲାଇଛି। ତେବେ ଜୋନ୍‌ ୧ରେ ଭାଜପା, କଂଗ୍ରେସ ଓ ବିଜେଡି ସମେତ ଦୁଇ ସ୍ୱାଧୀନ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବିଜେଡିର ଗୋଟି ଚାଳନାରେ ଦୁଇ ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏବେ ଜୋନ୍‌ ୧ ଓ ଜୋନ୍‌ ୨ ରେ ଭାଜପା, କଂଗ୍ରେସ ଓ ବିଜେଡି ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟର ଦଳ ସମେତ ପ୍ରାର୍ଥୀଙ୍କ ଭାବମୂର୍ତ୍ତୀକୁ ଆଧାର କରି ମତ ସାବ୍ୟସ୍ତ କରିବେ। ତେବେ ପ୍ରମୁଖ ୩ ଦଳର ହେଭିୱେଟ୍‌ ନେତାଙ୍କ ଗୋଟି ଚାଳନାରେ କାହାକୁ କେତେ ମତଦାନ ମିଳୁଛି ଓ କାହା ସପକ୍ଷରେ ଭୋଟର ଆଶୀର୍ବାଦ କରିବେ ତାହା ଫଳାଫଳ ହିଁ କହିବ।

## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ମିଳିଲା ୨ଲକ୍ଷ ସହାୟତା

ଜୟପୁର ୪।୨ (ନି.ପ୍ର.): କୋରାପୁଟ ବ୍ଲକ ଅନ୍ତର୍ଗତ କୋଲାବନଗରସ୍ଥିତ ଏସ୍‌ବିଆଇ ପକ୍ଷରୁ ମୃତ ଭଗବତୀ ବାଘଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। କୋଲାବନଗର ସୁରେନ୍ଦ୍ର ବାଘଙ୍କ ସ୍ତ୍ରୀ ଭଗବତୀଙ୍କର ଗତ ୧୮ ନଭେମ୍ବରରେ ମୃତ୍ୟୁ ହୋଇଯାଇଥିଲା। ସେ କୋଲାବନଗର ଶାଖା ଷ୍ଟେଟବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୩୩୦ ଟଙ୍କା ପୈଠ କରୁଥିଲେ। ବ୍ୟାଙ୍କ ପରିଚାଳକ ବି. ସାଇ ପଟ୍ଟନାୟକ ଭଗବତୀଙ୍କ ସ୍ୱାମୀ ସୁରେନ୍ଦ୍ରଙ୍କୁ ବୀମା ଟଙ୍କା ପ୍ରଦାନ କରିଛନ୍ତି। କ୍ଷେତ୍ରୀୟ ପ୍ରବନ୍ଧକ ବିକ୍ରମ କେଶରୀ ମାନ୍ଧାତାଙ୍କ ନିର୍ଦ୍ଦେଶକ୍ରମେ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚ ଲଳିତ ବଡ଼ନାୟକଙ୍କ ଉପସ୍ଥିତିରେ ସୁରେନ୍ଦ୍ରଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

### ୨୪ କେଜି ଗଞ୍ଜେଇ ଜବତ, ୨ ଗିରଫ



ମାଲକାନଗିରି,୪।୨(ଡି.ଏନ.ଏ.): ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ନିକଟସ୍ଥ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ଗାଡିମୋଟର ଗାଡି ସମୟରେ ଏକ ବାଇକ୍ ଆରୋହୀଙ୍କଠାରୁ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ୨ ବ୍ୟକ୍ତି ହେଲେ ପଡିଆପାଲ୍ଲିର କୁଶ ଦୁରୁକା ଏବଂ ବିହାର ସମଷ୍ଟିପୁର ଅଞ୍ଚଳର ଗଙ୍ଗେଶ କୁମାର। ଖବରରୁ ଜଣାପଡିଛି, କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ରାସ୍ତାରେ ଗାଡ଼ି ମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଯାଉଥିବା ୩ଜଣଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କୁ ପଚରାଉଚରା କରୁଥିବା ସମୟରେ ଜଣେ ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଲିସର ସନ୍ଦେହ ହେବାରୁ ଡିକି ଖୋଲି ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୨୪ କିଲୋଗ୍ରାମ ବୋଲି ଜଣାପଡିଛି। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଓର୍କେଲ ଥାନାରେ ୨୯/୨୨ ସଂଖ୍ୟାରେ ଏକ ମାମଲା ରୁଜୁ କରଛି। ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିବା ସହ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ମହାରଣା ସୂଚନା ଦେଇଛନ୍ତି ।

### ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ

କାଲିମେଲା,୪।୨(ଡି.ଏନ.ଏ.): ମାଲକାନଗିରି ଜିଲା ଏମପିଭି-୮୧ ଗ୍ରାମରେ ଗତ ୩ ଦିନ ତଳେ ଏକ ବାଲ୍ୟବିବାହକୁ ଚାଇଲଡ୍ ଲାଇନ ବନ୍ଦ କରିଥିବା ବେଳେ ପୁଣି ଶୁକ୍ରବାର କାଲିମେଲା ବ୍ଲକ ଚିନ୍ତଲବାଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୧୨୧ ଗ୍ରାମରେ ଏକ ବାଲ୍ୟବିବାହକୁ ବନ୍ଦ କରିଛି। ଜଣେ ୧୫ ବର୍ଷ ବୟସର ନାବାଳିକାଙ୍କୁ ବିବାହ କରାଯାଉଥିବା ଖବର ପାଇ ଚାଇଲ୍ଡ ଲାଇନ ଟିମ୍ ଦ୍ୱାରା ବନ୍ଦ କରାଯାଇଥିବା ଜଣାପଡିଛି। ଏମଭି-୧୨୧ ଗ୍ରାମର ୧୫ ବର୍ଷ ବୟସର ନାବାଳିକାଙ୍କ ସହ ଅରକେଲ ଚିତାପାରି ଏମଭି-୧୦୯ ଗ୍ରାମର ପରିତୋଷ ରାୟଙ୍କ ପୁଅ ଅନୋଜ ରାୟଙ୍କ ସହ ବିବାହ ପାଇଁ ସ୍ଥିର କରାଯାଇଥିଲା। ତେବେ ବିବାହ କରୁଥିବା ଝିଅର ବୟସ ୧୮ ବର୍ଷ ହୋଇ ନ ଥିବା ନେଇ କାଲିମେଲା ଚାଇଲ୍ଡ ଲାଇନ ନିକଟରେ ଖବର ପହଞ୍ଚିଥିଲା। ଲାଇଲ୍ଡ ଲାଇନ ମୁଖ୍ୟ କେ. ମିସାଇଲ ରାଜୁଙ୍କ ନେତୃତ୍ୱରେ ଆଇସିଡିଏସ୍‌ର ଦୁଲାଲ ସେନାପତି, ଅଙ୍ଗନୱାଡି ସୁପରଭାଜର ସରୋଜିନୀ ସାହୁ, ଗୀତାରାଣୀ ଦାସ, ଲତାରାଣୀଙ୍କ ସମେତ କାଲିମେଲା ଥାନା କର୍ମଚାରୀ ଝିଅ ଘରେ ପହଞ୍ଚି ତାର ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ଯାଞ୍ଚରୁ ଝିଅକୁ ୧୮ ବର୍ଷ ହୋଇ ନ ଥିବା ଅଧିକାରୀମାନେ ଜାଣିବା ପରେ ଏହି ବିବାହକୁ ବନ୍ଦ କରିଥିଲେ।

# ଅନ୍‌ଲାଇନ ପାଠପଢ଼ାରେ ବାଧକ ସାଜିଛି ନେଟୱର୍କ

ପଟ୍ଟାଙ୍ଗୀ, ୪।୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ନାହିଁ ନେଟ୍‌ୱର୍କ ସୁବିଧା। ଅନ୍‌ଲାଇନ ପାଠପଢ଼ାରେ ହେଉଛି ଅସୁବିଧା । ଏହିପରି ସମସ୍ୟା ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ନୂଆଗାଁ ପଞ୍ଚାୟତର ୮ ଖଣ୍ଡ ଗାଁରେ। ପଞ୍ଚାୟତଟି ବ୍ଲକ ସଦର ମହକୁମାରୁ ମାତ୍ର ୮ କିଲୋମିଟର ଦୂର। ତଥାପି ମଧ ନେଟ୍‌ୱର୍କ ସମସ୍ୟା ଯୋଗୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାପକ ଅସୁବିଧା ହେଉଛି। ପଞ୍ଚାୟତର ମେଡମଗନ୍ଧି, ବୋଡାପାଡୁ, କର୍ଣ୍ଣାଲମାଉଡି, କାକିପାଡୁ, ଦିଗୁଗାବଡାର, ଏଟିଗାବଡାର, ନୂଆଗାଁ ରହିଛି। ଉକ୍ତ ଗାଁର ପିଲାଙ୍କ ସମେତ ସିମାଗାଡ଼ା ଓ ରଣାସିଙ୍ଗ୍ ଗାଁର ଛାତ୍ରୀଛାତ୍ର ପଟ୍ଟାଙ୍ଗୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜରେ ପଢ଼ନ୍ତି। ବର୍ତ୍ତମାନ କରୋନା କଟକଣା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପାଠପଢ଼ାରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏହା ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ପାଠ ପଢ଼ାକୁ ଗୁରୁତ୍ୱ ଦିଆଯାଉଛି। ଛାତ୍ରୀଛାତ୍ର ଗ୍ରାମରେ ନେଟ୍‌ୱର୍କ ସୁବିଧା ନ ଥିବା ଯୋଗୁ ଅନ୍‌ଲାଇନ କ୍ଲାସ୍ ପାଇଁ ବୋଡାପାଡୁ ତଥା ପଟ୍ଟାଙ୍ଗୀରୁ ନୂଆଗାଁ ପଞ୍ଚାୟତକୁ ସଂଯୋଗ କରିଥିବା ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ ଉପରେ ପହଞ୍ଚି ନେଟ୍‌ୱର୍କ ଆସୁଥିବା ସ୍ଥାନ ଚିହ୍ନଟକରି ପାଠ ପଢୁଛନ୍ତି। ଏହା ମଧ୍ୟରେ ଏବେ ସ୍କୁଲ ଖୋଲିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଘୋଷଣା ପରେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକ ଖୁସି ଥିବା କହିଛନ୍ତି।



ପାହାଡ଼ ରାସ୍ତାରେ ନେଟ୍‌ୱର୍କ ଥିବା ସ୍ଥାନରେ ପିଲାମାନେ ଅନ୍‌ଲାଇନରେ ପାଠ ପଢୁଛନ୍ତି।

# ସରପଞ୍ଚ ନିର୍ବାଚନରେ ବୈପାରିଗୁଡ଼ା ଗ୍ରାମ ନେଇଥାଏ ନିର୍ଣ୍ଣାୟକ ଭୂମିକା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ବୈପାରିଗୁଡ଼ା, ୪।୨(ଡି.ଏନ୍.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ଲକ ସଦର ମହକୁମା ତଥା ବୈପାରିଗୁଡ଼ା ପଞ୍ଚାୟତ ସରପଞ୍ଚଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ବୈପାରିଗୁଡ଼ା ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ବ୍ଲକ ସଦର ମହକୁମା ପଞ୍ଚାୟତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କେବଳ ବୈପାରିଗୁଡ଼ା ଗ୍ରାମରେ ଜନସଂଖ୍ୟା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଥିବା ବେଳେ ଏଠାରେ ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍ ଓ ପରିମଳ ପରି ଗୁରୁଦାୟିତ୍ୱ ସରପଞ୍ଚଙ୍କର ଥାଏ। ଗ୍ରାମର ସମସ୍ତ ମେଳା,ସାମାଜିକ ପର୍ବ ଓ ଯାନିଯାତ୍ରାରେ ସରପଞ୍ଚଙ୍କ ପ୍ରତ୍ୟକ୍ଷ ଭୂମିକା ରହିଛି। ଚଳିତ ନିର୍ବାଚନରେ ଏହି ଆସନଟି ଜଣେ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଏଥିପାଇଁ ନିର୍ବାଚନ ଦୌଡ଼ରେ ଅଛନ୍ତି ୫ ଜଣ ମହିଳା। ସେମାନଙ୍କ ମଧ୍ୟରୁ ସୂର୍ଯ୍ୟମଣି ନାୟକ,ପଙ୍କଜିନୀ ଜାନି ଓ ବିଜୟଲକ୍ଷ୍ମୀ ବାରଙ୍ଗ ବୈପାରିଗୁଡ଼ା ଗ୍ରାମର ହୋଇଥିବା ବେଳେ ରାଧାମଣି ନାୟକ ଗୁଗୁଡ଼ା ଗ୍ରାମର ଓ ଭଗବତୀ ବାଗରିଆ ପଡେଇଗୁଡ଼ା ଗ୍ରାମର। ପଙ୍କଜିନୀ ପୂର୍ବରୁ ସରପଞ୍ଚ ଥିଲେ। ସୂର୍ଯ୍ୟମଣି ତାଙ୍କ ବିପକ୍ଷରେ ହାରିଥିଲେ। ଏପର୍ଯ୍ୟନ୍ତ ଯେତେଜଣ ସରପଞ୍ଚ ହୋଇଛନ୍ତି ସମସ୍ତେ ବୈପାରିଗୁଡ଼ା ଗ୍ରାମର। ଗ୍ରାମର ଭୋଟଦାତାଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ସରପଞ୍ଚ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ। ଅପରପକ୍ଷେ ଅନ୍ୟ ୨ ପ୍ରାର୍ଥୀ ଭଗବତୀ ଓ ରାଧାମଣିଙ୍କ କ୍ଷେତ୍ରରେ ଗାଁ ଗହଳିରେ ବହୁ ସମର୍ଥନ ରହିଛି। ଏହି ଦୁଇଙ୍କ ମଧ୍ୟରୁ କେହି ବୈପାରିଗୁଡ଼ା ଭୋଟରଙ୍କୁ ପ୍ରଭାବିତ କରିପାରିଲେ ତାଙ୍କର ବିଜୟ ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

# ପ୍ରଚାର ମଇଦାନରେ ପ୍ରାର୍ଥୀଙ୍କ ସହ ବୁଲିଲେ ଏମ୍‌ପି

ମାଲକାନଗିରି,୪।୨(ଡି.ଏନ.ଏ.)

ମାଲକାନଗିରି ଜିଲାରେ ପଞ୍ଚାୟତ ନିର୍ବାଚନ ପ୍ରଚାର ଜୋର୍ ଧରିଛି। ପ୍ରାର୍ଥୀଙ୍କ ସହ ପ୍ରଚାର ମଇଦାନକୁ ଏମ୍‌ପିଙ୍କ ସମେତ ଅନେକ ଦଳୀୟ ନେତା ଓହ୍ଲାଇଛନ୍ତି। ବିଜୁ ଜନତା ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଶିଖାପାଲି ଜୋନ-୨ର ୩ଟି ପଞ୍ଚାୟତ ଅନ୍ତର୍ଗତ ୨୦ଟି ଗ୍ରାମରେ ପଦଯାତ୍ରା ମାଧ୍ୟମରେ ପ୍ରଚାର କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ମାନସ ମାଡକାମି, ଜୋନ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା, ଜୋନ ସଭାପତି ସୁବାସ ବାନାର୍ଜୀ, ଜୋନ ଉପସଭାପତି ଗାନ୍ଧି ପଣ୍ଡା, ସାଧାରଣ ସମ୍ପାଦକ ଭଗବାନ ସାହୁ, ଉପଦେଷ୍ଟା ଅଖିଳ ମଣ୍ଡଳ, ବରିଷ୍ଠ କର୍ମୀ ତପନ ସାନା, ମୋହନ ବର୍ମନ, ଦିବସ ମିସ୍ତ୍ରି, ବୀର ମୋହନ ଅଧିକାରୀ, କେ. ରାହୁଲ, ରାଜ ନାୟକ ପ୍ରମୁଖ ପ୍ରଚାରରେ ସାମିଲ ହୋଇଛନ୍ତି।



ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କ ସହ ଅନ୍ୟମାନେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

# ସାପ୍ତାହିକ ହାଟରେ ପ୍ରଚାର

ଦଶମନ୍ତପୁର, ୪।୨(ଡି.ଏନ.ଏ.)

ଏବେ ସାପ୍ତାହିକ ହାଟଗୁଡିକରେ ନିର୍ବାଚନ ପ୍ରଚାରକୁ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ଦଶମନ୍ତପୁରରେ ଶୁକ୍ରବାର ସାପ୍ତାହିକ ହାଟ ଥିଲା। ବାଦ୍ୟଯନ୍ତ୍ର ମାଧ୍ୟମରେ ବିଜେଡି ଓ କଂଗ୍ରେସର ଜିଲା ପରିଷଦ ପ୍ରାର୍ଥୀ ଏବଂ ସମିତି ସଭ୍ୟ ପ୍ରାର୍ଥୀମାନେ ପ୍ରଚାର କରି ସେମାନଙ୍କୁ ଭୋଟ ଦେବା ଲାଗି ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ବିଜେଡିର ଜିଲା ପରିଷଦ ଜୋନ-୧ରେ ପ୍ରାର୍ଥୀ ପିଙ୍କି ମୁଦୁଲିଙ୍କ ନିମନ୍ତେ ବିଧାୟକ ପ୍ରଭୁ ଜାନି, ଜିଲା ଉପସଭାପତି ନାରାୟଣ ବିଶୋୟୀ, ବ୍ଲକ ସଭାପତି ମହେନ୍ଦ୍ର କୁଳଦୀପ ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇ ସେମାନଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି କଂଗ୍ରେସର ଜିଲା ପରିଷଦ ପ୍ରାର୍ଥୀ ଲଳିତା ସାଉଁଟା ଓ ସମିତି ସଭ୍ୟାଙ୍କ ଲାଗି ଦଳର ବରିଷ୍ଠ ନେତା ଦିଲ୍ଲୀପ ବାଘ,ବ୍ଲକ ଯୁବ କଂଗ୍ରେସ ସଭାପତି ଅଶୋକ ଖୋସ୍ଲା, ଜିଲା ଯୁବକଂଗ୍ରେସ ସମ୍ପାଦକ ପଙ୍କଜ ବାଘ, ଆନନ୍ଦ ମାଝୀ, ହେମନ୍ତ ବାଘ, ସୁବାଷ ଖୋସ୍ଲା ପ୍ରମୁଖ ହାଟରେ ନିଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।



ବିଜେଡି ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ହାଟରେ ପ୍ରଚାର କରାଯାଉଛି।

### ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଲେ ଶିଶୁ ଶ୍ରମିକ

କାଲିମେଲା, ୪.୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦରମହକୁମାଠାରୁ ୯କି.ମି. ଦୂରରେ ଥିବା କାଙ୍ଗୁରୁକୋଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ଯୋଜନାରେ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିଛନ୍ତି। ବିଦ୍ୟାଳୟ ପରିସରରେ ବ୍ଲକର ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ନିର୍ମାଣ କାର୍ଯ୍ୟ ହେଉଛି। ଏହି ନିର୍ମାଣ କାର୍ଯ୍ୟରେ କାଙ୍ଗୁରୁକୋଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୭ଜଣ ନାବାଳିକା ଶିଶୁ ଶ୍ରମିକ ବିଦ୍ୟାଳୟ ପରିସରରେ ତିଆରି ଚାଲିଥିବା ସିସି ରୋଡ ଓ ଡ୍ରେନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କାମ କରୁଥିବା ନାବାଳିକା ଶ୍ରମିକ ମାନଙ୍କୁ ପଚାରିବାରୁ ତାଙ୍କୁ ଏହି କାର୍ଯ୍ୟରେ ଏମପିଭି-୨୨ ଗ୍ରାମର କମଲ ମିସ୍ତ୍ରି ନାମକ ଠିକାଦାର ନିୟୋଜିତ କରିଥିବା ପ୍ରକାଶ କରିଥିଲେ। ଏଥିପ୍ରତି ଜିଲା ଶ୍ରମ ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦୃଷ୍ଟି ଦେଇ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଯଶ୍ମିତା ମହାନ୍ତିଙ୍କୁ ପଚାରିବାରୁ ମୁଁ ବିଦ୍ୟାଳୟରୁ ଛୁଟିରେ ରହିଥିବା କହିଛନ୍ତି।

### କାଲିମେଲା ଜୋନ୍-୧ରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ଏମ୍‌ଭି ୭୯,୪।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ଜୋନ୍-୧ ଏମ୍‌ଭି-୭୯ ସଦରରେ ଶୁକ୍ରବାର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସମ୍ପାଦକ ତଥା ଜୋନ୍-୧ର ସଂଯୋଜକ ଦୁର୍ଗାପ୍ରସାଦ ତ୍ରିପାଠୀ,ଜୋନ୍ ସଭାପତି ଶମ୍ଭୁ ବାକ୍ଚି , ଏମ୍‌ପି ପ୍ରତିନିଧି ବିଶ୍ୱନାଥ ରେଡ୍ଡି, ଅପର୍ଣ୍ଣା ମଣ୍ଡଳ, ଦୀପକ ଦତ୍ତ, ଜିଲା ଛାତ୍ର ଜନତାର ସମ୍ପାଦକ ଚିରଞ୍ଜିତ ବାଳା, ଜିଲା ଛାତ୍ର ଜନତାର ସାଧାରଣ ସମ୍ପାଦକ ଆଶିଷ ବାଇନ, ଆଇଟି କୋର୍ଡିନେଟର ରାକେଶ ମଣ୍ଡଳ, ଜୋନ୍‌ର ଛାତ୍ର କୋର୍ଡିନେଟର ଶିବା ସରକାରଙ୍କ ସହ ୭ ପଞ୍ଚାୟତର ସଭାପତିମାନେ ଉପସ୍ଥିତ ଥିଲେ। ବିଭିନ୍ନ ଦଳରୁ ବିଜେଡିକୁ ଆସିଥିବା ବରିଷ୍ଠ ନେତା ମଧୁସୂଦନ ରାଉତ, କୃଷ୍ଣ ମଣ୍ଡଳ, ଶଙ୍କର ବର୍ମନଙ୍କୁ ଦଳର ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।

# ଦାଦନ ଖଟିବାକୁ ଯାଇ ଗୋଡ଼ ହରାଇଲେ ଅଶୋକ

କୋରୁକୋଣ୍ଡା,(ଡି.ଏନ୍.ଏ.)

ଜଣେ ଦାଦନ ଶ୍ରମିକଙ୍କ ଦୁଃଖ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୩୩ ଗ୍ରାମରେ। ଗ୍ରାମର କ୍ଷିତୀଶ ବର୍ମନ ଝିଅ ବାହାଘରର କରଜ ଶୁଝିବାକୁ ତେଲଙ୍ଗାନାକୁ କାମ କରିବାକୁ ଯାଇଥିଲେ। କିଛିଦିନ କାମ କରିବା ପରେ

**ଅଧିକ ଚିକିତ୍ସା ପାଇଁ ନାହିଁ ଆର୍ଥିକ ସମ୍ବଳ**

କରୋନା ଯୋଗୁ ସମସ୍ତ କଳକାରଖାନା ବନ୍ଦ ହୋଇଯିବାରୁ କ୍ଷିତୀଶ ଘରକୁ ଚାଲି ଆସିଥିଲେ। କିଛିମାସ ଘରେ ବସି ରହିବା ପରେ କରୋନା କଟକଣା କୋହଳ ହେବାରୁ ସେ ପୁଣି ତେଲଙ୍ଗାନା ଯିବାକୁ ବାହାରିଥିଲେ। ସେହି ସମୟରେ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ବାଣିଜ୍ୟରେ ପ୍ରଥମ ବର୍ଷ ପଢୁଥିବା କ୍ଷିତୀଶଙ୍କ ସାନପୁଅ ଅଶୋକ ବର୍ମନ ମଧ ବାପାଙ୍କ ସହ ବାହାର ରାଜ୍ୟକୁ ଯାଇ କାମ କରିବାକୁ ଚାହିଁଥିଲେ। ବାପପୁଅ ଦୁହେଁ ହାଇଦ୍ରାବାଦ ଯାଇ ଗୋଟିଏ ଘରୋଇ କମ୍ପାନୀରେ କଂକ୍ରିଟ ମିଶାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେଠାରେ କାମ କରୁଥିବା ବେଳେ ଦିନେ ଅଶୋକ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ସମୟରେ ଡାକ୍ତରଙ୍କୁ ଅଶୋକଙ୍କ ଗୋଡ଼ କାଟିବାକୁ ପଡ଼ିଥିଲା। ଏହା ପରେ ଅଶୋକଙ୍କୁ ଚଳିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରାୟ ୫ମାସ ଚିକିତ୍ସାଳୟରେ ରହି ଚିକିତ୍ସିତ ହେବା ପରେ ବର୍ତ୍ତମାନ ସେ ନିଜ ଘରକୁ ଆସିଛନ୍ତି । ତାଙ୍କର ଆହୁରି ଚିକିତ୍ସା ହେବାର ଆବଶ୍ୟକତା ରହିଛି। ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପରିବାର ଲୋକଙ୍କ ନିକଟରେ ସମ୍ବଳ ନାହିଁ। ସେ ଆସିବା ସମୟରେ କମ୍ପାନୀ ୨୦ ହଜାର ଟଙ୍କା ଦେଇ ନିଜ କର୍ତ୍ତବ୍ୟ ସାରିଦେଇଛି। ଏପରି କ୍ଷେତ୍ରରେ ଅଶୋକଙ୍କ ଚିକିତ୍ସା ଲାଗି ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ମାଆବାପାଙ୍କ ସହ ଅଶୋକ।

# ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍

ଜୟପୁର,୪।୨ (ନି.ପ୍ର.)

ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆସନ୍ତା ଏପ୍ରିଲରୁ ଆରମ୍ଭ ହୋଇପାରେ ନାମ ଲେଖା ପ୍ରକ୍ରିୟା । ଏବିଷୟରେ ପରୋକ୍ଷ ଭାବେ ସୂଚନା ଦେଇଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନରେ ଆସିଥିବା ଅଧିକାରୀମାନେ। ଶୁକ୍ରବାର ଉକ୍ତ ବିଦ୍ୟାଳୟ ନୋଡାଲ ଅଫିସର ଡ. ଅନନ୍ତ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଜୟପୁରରେ ପହଞ୍ଚି ପ୍ରସ୍ତାବିତ ଜାଗା ପରିଦର୍ଶନ କରିଥିଲେ। ସେମାନଙ୍କ ସହ ଉପଜଲାପାଳ ବେଦବର ପ୍ରଧାନ ଓ ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା ଉପସ୍ଥିତ ଥିଲେ। ଚିହ୍ନଟ ହୋଇଥିବା ଜାଗାକୁ ଅସ୍ଥାୟୀ ରୋଡ କରିବା ପାଇଁ ତହସିଲଦାରଙ୍କୁ କେନ୍ଦ୍ରୀୟ ଟିମ୍ ପ୍ରସ୍ତାବ ଦେଇଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଉକ୍ତ ଜାଗା ନିକଟରେ ରହୁଥିବା ଲୋକେ ଧାନ ଚାଷ କରୁଥିଲେ। ମାତ୍ର ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜୟପୁର ତହସିଲ ପକ୍ଷରୁ ସେହି ଜାଗାକୁ ନିଜ ନିୟନ୍ତ୍ରଣରେ ରଖି ତାର ବାଡ ଘେରାଉ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସୁନାବେଡାର ଏଲ ଓଝା ଓ ମୋହିତ ତିୱାରୀ ମଧ ଟିମ୍ ସହ ସାମିଲ ହୋଇଥିଲେ । ଆରଆଇ ବିମଳ ଦୁଃଖୀ ଓ ଅମିନ ଏସ. ରାଉତ ଉପସ୍ଥିତ ଥିଲେ। ବର୍ତ୍ତମାନ ଜାଗା ଚିହ୍ନଟ ସରିଛି। କେନ୍ଦ୍ରୀୟ ଟିମ୍ ମଧ ନିର୍ମାଣ ହୋଇଥିବା ଅସ୍ଥାୟୀ କୋଠା ବୁଲି ଦେଖିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହେଲେ କିଛି ସମସ୍ୟା ହେବ ନାହିଁ ବୋଲି ଉପଜିଲାପାଳ କହିଛନ୍ତି।



କେନ୍ଦ୍ରୀୟ ଟିମ୍ ଉପଜିଲାପାଳ ଓ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

# ଯୁବ ସଙ୍ଗଠନ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ

ଜୟପୁର, ୪।୨ (ନି.ପ୍ର.)

ଜୟପୁର ଯୁବ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପୌର କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଲାଗି ଦାବି କରାଯାଇ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜୟପୁର ସହରର ଅଧିକାଂଶ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଅନେକ ପୋଲ ଉପରେ ଲାଇଟ ନାହିଁ। ସହରରେ ଅଧିକାଂଶ ସମୟ ଲାଇଟ୍ ଦିନରେ ଜଳୁଛି। ଓଡିଆ ମେଦ୍ରି ସାହି, ନାରାୟଣ ତୋଟା ସାହି, ଗୋପବନ୍ଧୁ ନଗର ଅଞ୍ଚଳରେ ଆବଶ୍ୟକ ଥିବା ରାସ୍ତା, ନାଳ, ଶୌଚାଳୟ ଆଦି ନିର୍ମାଣ ହେଉନାହିଁ ବୋଲି ସଙ୍ଗଠନ ଅଭିଯୋଗ କରି ଦାବିପତ୍ରରେ ଉଲ୍ଲେଖ କରିଛି। ସେହିପରି ଧନବି ଚାରିଟେବୁଲ ଟ୍ରଷ୍ଟ ତରଫରୁ ସହରର ବିକାଶ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଟ୍ରଷ୍ଟର ସଭାପତି ରାମକୃଷ୍ଣ ପୂଜାରୀ, ସନ୍ଦୀପ କିଶୋର ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର, ବୁବୁଲି ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ସଙ୍ଗଠନର କର୍ମକର୍ତ୍ତା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ଓଡ଼ିଶା ନିର୍ମାଣରେ ମଧୁବାବୁଙ୍କ ଅବଦାନ ଚିରସ୍ମରଣୀୟ

କୋରାପୁଟ/ଜୟପୁର, ୪।୨(ସ୍ୱ.ପ୍ର./ନି.ପ୍ର.)

କୋରାପୁଟ ଜିଲା ସ୍ମାରକୀ କମିଟି ପକ୍ଷରୁ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଜିଲା ସଂସ୍କୃତି ଅଧିକାରୀ ସୁଜିତ ମିଶ୍ର ମିଶ୍ର, ଜିଲା ସ୍ମାରକୀ କମିଟିର ଅରୁଣ ଦାସ, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ , ଖବରଦାତା ଅମିତାଭ ବେହେରା, ଘନଶ୍ୟାମ ରଥ, ରଞ୍ଜନ ଦାସ, ଜିଲା ସୂଚନା ବିଭାଗର ସତ୍ୟ ନାରାୟଣ ପ୍ରଧାନ, ଅଲିଭା ବେହେରା, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି କୋରାପୁଟ ଓକିଲ ସଂଘ ସଭାପତି ଅଜିତ ପାତ୍ର ଓ ସମ୍ପାଦକ ସୁନିଲ ପାତ୍ର ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

ଜୟପୁର ରଜାନହର ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୮ ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ୧୯୦୩ରେ ମଧୁବାବୁ ଉତ୍କଳ ସମ୍ମିଳନୀ କଟକଠାରେ ଆରମ୍ଭ କରିଥିଲେ। ଓଡ଼ିଶା ନିର୍ମାଣରେ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ପରମେଶ୍ୱର ପାତ୍ର, ରାଜେନ୍ଦ୍ର ଗୌଡ଼, ରବୀନ୍ଦ୍ର ମହାପାତ୍ର, ନବୀନ ମାଦଳା ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଓ ରାଧାକୃଷ୍ଣ ବିଶ୍ୱାସ ରାୟଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂସଦର ସାଧାରଣ ସମ୍ପାଦକ ତପନ କିରଣ ତ୍ରିପାଠୀ, ସହ ସମ୍ପାଦକ ବୈରାଗୀ ଚରଣ ସାହୁ, ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଜୟପୁରରେ କର୍ମକର୍ତ୍ତାମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

